# NATIONAL NEWS BULLETIN (ODIA)
## 30 September - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧରେ ଅଂଶସ୍ୱରୂପ ଭାରତୀୟ ନିର୍ବାଚନ ଆୟୋଗ ପ୍ରକାଶ କଲେ ଚୂଡ଼ାନ୍ତ ଭୋଟର ତାଲିକା ।
- 'ସଞ୍ଚାର ସାଥୀ' ଅଭିଯାନ ମାଧ୍ୟମରେ ପୁନରୁଦ୍ଧାର ହୋଇଛି ୬ ଲକ୍ଷରୁ ଅଧିକ ମୋବାଇଲ୍ ହ୍ୟାଣ୍ଡସେଟ୍ ।
- ତାମିଲନାଡୁର କରୁର୍ ଦଳାଚକଟା ଘଟଣାର କାରଣ ଜାଣିବା ପାଇଁ ଏନ୍.ଡି.ଏ. ପ୍ରତିନିଧି ଦଳଙ୍କ କରୁର୍ ଗସ୍ତ ।
- ଭିଏତନାମ୍‌ରେ ଘୂର୍ଣ୍ଣିଝଡ଼ ବୁଆଲୋଇରେ ମୃତ୍ୟୁ ସଂଖ୍ୟା ୨୬କୁ ବୃଦ୍ଧି ।

ଏବଂ

- ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଉଦ୍‌ଘାଟନି ମୁକାବିଲା ଜାରି ।

# ଇଡି-ଜିଏସ୍‌ଟି ଫ୍ରଡ୍‌

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଞ୍ଚି ଜୋନାଲ୍ ଅଫିସ୍ ମନି ଲଣ୍ଡ୍ରିଂ ନିବାରଣ ଆଇନ୍ ବ୍ୟବସ୍ଥା ଅନୁଯାୟୀ କୋଲକାତା ଏବଂ ହାଓଡ଼ାରେ ୧୫ କୋଟି ୪୧ ଲକ୍ଷରୁ ଅଧିକ ମୂଲ୍ୟର ୧୦ଟି ଅସ୍ଥାବର ସମ୍ପତ୍ତିକୁ ଅସ୍ଥାୟୀ ଭାବେ ଜବତ କରିଛି । ଆଟାଚ୍ କରାଯାଇଥିବା ସମ୍ପତ୍ତି ଏକ ବଡ଼ ଧରଣର ଜି.ଏସ୍.ଟି. ଠକେଇ ସିଣ୍ଡିକେଟ୍‌ର ମୁଖ୍ୟ ଏବଂ ତାଙ୍କ ସହଯୋଗୀଙ୍କର ବୋଲି ଇଡି ଏକ ବିବୃତ୍ତିରେ କହିଛି ।

ସେହିପରି ଜାମ୍‌ସେଦ୍‌ପୁର ଜି.ଏସ୍.ଟି. ଗୁଇନ୍ଦା ମହାନିର୍ଦ୍ଦେଶାଳୟ ଦ୍ୱାରା ଏକ ଅପରାଧିକ ସିଣ୍ଡିକେଟ୍ ବିରୁଦ୍ଧରେ ଦାଖଲ ଅଭିଯୋଗ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ ଆରମ୍ଭ କରିଛି । ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତମାନେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀରେ ୧୩୫ଟି ସେଲ୍ କମ୍ପାନୀର ଏକ ନେଟ୍‌ୱାର୍କ ସୃଷ୍ଟି ଏବଂ ପରିଚାଳନା କରି ସୁ-ସଂଗଠିତ ଠକେଇ କରିଥିଲେ ।

# ପିଏମ୍ ନଡ୍ଡା-ମାଲହୋତ୍ରା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ବିଜେପି ନେତା ବିଜୟ କୁମାର ମାଲହୋତ୍ରାଙ୍କୁ ତାଙ୍କ ବାସଭବନରେ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

୯୩ ବର୍ଷ ବୟସ୍କ ବରିଷ୍ଠ ବିଜେପି ନେତା ଶ୍ରୀ ମାଲହୋତ୍ରାଙ୍କର ଆଜି ସକାଳେ ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ରେ ଦେହାନ୍ତ ହୋଇଥିଲା । ସେ ବିଜେପିର ଦିଲ୍ଲୀ ୟୁନିଟ୍‌ର ପ୍ରଥମ ସଭାପତି ଥିଲେ ।

## ଟାଇଫୁନ୍-ବୁଆଲୋଇ

ଭିଏତ୍‌ନାମରେ ଘୂର୍ଣ୍ଣିଝଡ଼ 'ବୁଆଲୋଇ'ରେ ମୃତ୍ୟୁ ସଂଖ୍ୟା ୨୬ରେ ପହଞ୍ଚିଛି । ୨୨ ଜଣ ଏବେବି ନିଖୋଜ ଅଛନ୍ତି । ଚଳିତ ବର୍ଷ ଭିଏତ୍‌ନାମରେ ସବୁଠାରୁ ଭୟଙ୍କର ଏହି ବାତ୍ୟା ପ୍ରବଳ ବର୍ଷା ଆଣିବା ସହ ବନ୍ୟା ସୃଷ୍ଟି କରିଛି । ବିମାନ ଏବଂ ରେଳ ସେବା ବାଧାପ୍ରାପ୍ତ ହୋଇଛି । ଭିଏତ୍‌ନାମ୍‌ର ଜାତୀୟ ପାଣିପାଗ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଭିଏତ୍‌ନାମର ବିଭିନ୍ନ ସ୍ଥାନରେ ବର୍ଷା ପରିମାଣ ୩୦୦ ମିଲିମିଟର ଅତିକ୍ରମ କରିଛି । ଆଗକୁ ଭୂସ୍ଖଳନ ଏବଂ ବନ୍ୟାର ଆଶଙ୍କା ବିଷୟରେ ସଂସ୍ଥା ସତର୍କ କରାଇ ଦେଇଛି । ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚିନ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନ ଏବଂ ଡାକ୍ତରଖାନାଗୁଡ଼ିକ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ୱାର୍ଲ୍ଡ ପାରା ଆଥ୍‌ଲେଟସ୍

ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ରେ ଭାରତର ଯୋଗେଶ ଖଟୁନିଆ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଦୁଇଥର ପାରା ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଆଜି ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍-୫୬ ଫାଇନାଲ୍‌ରେ ତାଙ୍କର ଦ୍ୱିତୀୟ ପ୍ରୟାସରେ ୪୨ ଦଶମିକ ୪୯ ମିଟର ଡିସ୍‌କସ୍ ଫିଙ୍ଗି ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି । ବ୍ରାଜିଲ୍‌ର କ୍ଲାଉଡିନେ ବାଟିଷ୍ଟା ୪୫ ଦଶମିକ୍ ୬/୭ ମିଟର ସହ ସ୍ୱର୍ଣ୍ଣ ଏବଂ ଗ୍ରୀସ୍‌ର କନ୍‌ଷ୍ଟାଣ୍ଟିନୋସ୍ ଜୋନିସ୍ ୩୯ ଦଶମିକ୍ ୯/୭ ମିଟର ଫିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି ।

## ଆଇସିସି କ୍ରିକେଟ୍ ୱିମ୍ୟାନ୍ସ ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ୨୦୨୫ ଆଜିଠାରୁ ଆରମ୍ଭ ହୋଇଛି । ଗୌହାଟୀର ବରସାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଜାରି ରହିଛି । ଶ୍ରୀଲଙ୍କା ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆହ୍ୱାନ କରିଥିବା ବେଳେ ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ଭାରତ ୪୦ ଓଭରରେ ୬ ୱିକେଟ୍ ହରାଇ ୨୧୦ରନ୍ ସଂଗ୍ରହ କରିଛି । ବର୍ଷା ଯୋଗୁଁ ମ୍ୟାଚ୍ ୫୦ ଓଭର ପରିବର୍ତ୍ତେ ୪୮ ଓଭର ଖେଳାଯିବ । ୨୦୨୫ ମହିଳା

ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣରେ ୫୦ ଓଭର ମ୍ୟାଚ୍ ଖେଳାଯିବ । ଏଥିରେ ୮ଟି ଦଳ – ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ଭାଗ ନେଉଛନ୍ତି । ଏହି ଦଳଗୁଡ଼ିକ ଭାରତର ୪ଟି ସ୍ଥାନରେ ଏବଂ କଲମ୍ବୋରେ ଗୋଟିଏ ସ୍ଥାନରେ ୨୮ଟି ଲିଗ୍ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତା ମାସ ୫ ତାରିଖରେ କଲମ୍ବୋରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗ୍ରୁପ୍ ପର୍ଯ୍ୟାୟ ଶେଷରେ ୪ଟି ଦଳ ସେମିଫାଇନାଲ୍‌କୁ ଉନ୍ନିତ ହେବେ ।

## ବିହାର ଫାଇନାଲ୍ ଭୋଟର ଲିଷ୍ଟ

ନିର୍ବାଚନ ହେବାକୁ ଥିବା ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଅଂଶସ୍ୱରୂପ ଭାରତୀୟ ନିର୍ବାଚନ ଆୟୋଗ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି । ଏହା ଆୟୋଗର ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି । ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ ଭୋଟର ତାଲିକାର ନକଲ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଉପଲବ୍ଧ କରାଯିବ ।

ସମସ୍ତ ସ୍ୱୀକୃତି ପ୍ରାପ୍ତ ଜାତୀୟ ଏବଂ ରାଜ୍ୟ ସ୍ତରୀୟ ରାଜନୈତିକ ଦଳ ଗୁଡ଼ିକୁ ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରଦାନ କରାଯିବ । ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପରେ ଚଳିତ ବର୍ଷ ଅଗଷ୍ଟ ୧ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା

ପ୍ରକାଶିତ ହୋଇଥିଲା । ଏଥିରେ ଗଣନା ଫର୍ମ ଦାଖଲ କରିଥିବା ୭ କୋଟି ୨୪ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ ଥିଲା । ୨୦୨୪ ଲୋକସଭା ନିର୍ବାଚନରେ ବିହାରରେ ଭୋଟରଙ୍କ ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିଲା । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ ମୃତ, ଅନ୍ୟତ୍ର ସ୍ଥାନାନ୍ତରିତ କିମ୍ବା ଡୁପ୍ଲିକେଟ୍‌ରେ ତାଲିକାଭୁକ୍ତ ପ୍ରାୟ ୬୫ ଲକ୍ଷ ଭୋଟରଙ୍କ ନାମକୁ ବାଦ୍ ଦିଆଯାଇଥିଲା ।

## ସଞ୍ଚାର ସାଥୀ

ଦୂରସଞ୍ଚାର ବିଭାଗର 'ସଞ୍ଚାର ସାଥୀ' ଅଭିଯାନ ୬ ଲକ୍ଷରୁ ଅଧିକ ହଜିଯାଇଥିବା ଏବଂ ଚୋରି ହୋଇଯାଇଥିବା ମୋବାଇଲ୍ ହ୍ୟାଣ୍ଡସେଟ୍ ପୁନରୁଦ୍ଧାରକୁ ସହଜ କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଏହି ସଫଳତା ସହ ଯୋଗାଯୋଗ ମନ୍ତ୍ରଣାଳୟ ଡିଜିଟାଲ୍ ଗଭର୍ଣ୍ଣାନ୍ସ ପ୍ରତୀ ନାଗରିକଙ୍କ ବିଶ୍ୱାସକୁ ଆହୁରି ମଜବୁତ୍ କରିଛି । ବର୍ଦ୍ଧିତ ପୁନରୁଦ୍ଧାର ହାର ଦୂରସଞ୍ଚାର ବିଭାଗ ଏବଂ ରାଜ୍ୟ ପୁଲିସ୍ ମଧ୍ୟରେ ବର୍ଦ୍ଧିତ ସହଯୋଗକୁ ଦର୍ଶାଉଛି । ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଡିଜିଟାଲ୍ ବାଇ ଡିଜାଇନ୍ ଥିମ୍ ଉପରେ ନିର୍ମିତ ସଞ୍ଚାର ସାଥୀ ମୋବାଇଲ୍ ଚୋରି ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଡିଜିଟାଲ୍ ସୁରକ୍ଷା ସୁନିଶ୍ଚିତ କରି ମନ୍ତ୍ରଣାଳୟ ନାଗରିକମାନଙ୍କୁ ସଞ୍ଚାର ସାଥୀ ପୋର୍ଟାଲ୍ ଏବଂ ମୋବାଇଲ୍

ଆପ୍‌ରେ ହଜିଯାଇଥିବା କିମ୍ବା ଚୋରି ହୋଇଯାଇଥିବା ମୋବାଇଲ୍ ହ୍ୟାଣ୍ଡସେଟ୍ ରିପୋର୍ଟ୍ କରିବାକୁ ଅନୁରୋଧ କରିଛି ।

## କରୁର-ଏନ୍‌ଡିଏ

ତାମିଲ୍‌ନାଡୁର କରୁର୍‌ରେ ଦଳାଚକଟା ଘଟଣାର କାରଣ ଜାଣିବା ପାଇଁ ପାର୍ଲାମେଣ୍ଟ ସଦସ୍ୟ ହେମାମାଳୀନିଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ କରୁର୍‌କୁ ଦିନିକିଆ ଗସ୍ତରେ ଯାଇଛନ୍ତି । ସେମାନେ ଦଳାଚକଟାରେ ଆହତ ହୋଇଥିବା ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଲୋକଙ୍କୁ ଭେଟିଛନ୍ତି । ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କରୁର ଦଳାଚକଟା ପିଡ଼ିତଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟିଥିଲେ । ଇତିମଧ୍ୟରେ କରୁର ଦଳାଚକଟା ମାମଲାରେ ତାମିଲନାଡୁ ପୁଲିସ୍ ତିନି ଜଣଙ୍କୁ ଗିରଫ୍ କରିଛି । ଗତକାଲି ସନ୍ଧ୍ୟାରେ କରୁର୍ ପୁଲିସ୍’ ଦଳର କାର୍ଯ୍ୟକର୍ତ୍ତା ମଧ୍ୟୁୟଝାଗଙ୍ଗ ଏବଂ ମାସି ପାଉନ୍‌ରାଜଙ୍କୁ ସମନ କରିଥିଲା । କରୁର ଦଳାଚକଟା ବିଷୟରେ ମିଥ୍ୟା ଖବର ପ୍ରସାରଣ ପାଇଁ ଏକ ୟୁଟ୍ୟୁବର ଫେଲିକ୍ସ ଜେରାଲ୍ଡଙ୍କୁ ମଧ୍ୟ ଗିରଫ୍ କରାଯାଇଥିଲା ।

## ଜିତେନ୍ଦ୍ର-ବାୟୋଟେକ୍ ଏମ୍ଓୟୁ

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଜିନ୍ଦ୍ରେ ସିଂହ କହିଛନ୍ତି, ଭାରତର ଔଷଧ ରପ୍ତାନୀ ବର୍ତ୍ତମାନ ପ୍ରାୟ ୨୭ ବିଲିୟନ୍ ଡଲାର୍ ରହିଛି ଓ ଚଳିତ ବର୍ଷ ସୁଦ୍ଧା ୩୦ ବିଲିୟନ୍ ଡଲାର୍ ଅତିକ୍ରମ କରିବ ବୋଲି ଆଶା କରାଯାଉଛି । ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଉତ୍ତର ପ୍ରଦେଶ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ ଶ୍ରୀ ସିଂହ କହିଛନ୍ତି, ଏହି ଚୁକ୍ତିନାମା ବିକଶିତ ଭାରତ ୨୦୪୭ର ଦୃଷ୍ଟି କୋଣକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ।

## ଶେଖାୱତ୍-ସ୍ପେନ୍ କନ୍ଫରେନ୍ସ

ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ସାଂସ୍କୃତିକ ଅଧିକାର ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ସମାନ ଅଭିବୃଦ୍ଧି ପାଇଁ ସୃଜନଶୀଳତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସ୍ପେନ୍‌ରେ ଅନୁଷ୍ଠିତ ବିଶ୍ୱ ସାଂସ୍କୃତିକ ନୀତି ଏବଂ ସ୍ଥାୟୀ ବିକାଶ ସମ୍ମେଳନୀ ‘ମୋଣ୍ଡିଆକଲ୍ଟ’ରେ ମନ୍ତ୍ରୀ ଏସିଆ-ପ୍ରଶାନ୍ତ ମହାସାଗରୀୟ ଗୋଷ୍ଠୀର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ୟୁନେସ୍କୋ ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ସାଂସ୍କୃତିକ ନୀତିର ଭବିଷ୍ୟତ ଗଠନ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରୁ ମନ୍ତ୍ରୀ ଏବଂ ସାଂସ୍କୃତିକ ନେତାମାନେ ଏକାଠି ହୋଇଥିଲେ । ସମ୍ମିଳନୀ ବ୍ୟତୀତ ମନ୍ତ୍ରୀ

ସ୍ପେନ୍, ଇରାନ୍, ନରୱେ, କଲମ୍ବିଆ ଏବଂ ଗ୍ରୀସ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଏକ ବିବୃତ୍ତିରେ ସଂସ୍କୃତି ମନ୍ତ୍ରଣାଳୟ କହିଛି, ଆଲୋଚନା ମଧ୍ୟରେ ଐତିହ୍ୟ ସଂରକ୍ଷଣ, ସୃଜନଶୀଳ ଶିଳ୍ପ, ସଂଗ୍ରହାଳୟ ଏବଂ ପ୍ରଦର୍ଶନ କଳାରେ ସହଯୋଗ ବୃଦ୍ଧି ଆଦି ସ୍ଥାନ ପାଇଥିଲା ।

## ଦୁର୍ଗାପୂଜା

ପବିତ୍ର ଦୁର୍ଗାପୂଜା ଅବସରରେ ଦେଶ ଏବଂ ବିଦେଶରେ ବସବାସ କରୁଥିବା ନାଗରିକମାନଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ପର୍ବ ଦେଶର ସାଂସ୍କୃତି, ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଐତିହ୍ୟର ପ୍ରତୀକ । ମା' ଦୁର୍ଗାଙ୍କୁ ତାଙ୍କର ୯ଟି ରୂପରେ ପୂଜା କରିବା କେବଳ ଆଧ୍ୟାତ୍ମିକ ସୁଦ୍ଧିର ପଥ ନୁହେଁ ବରଂ ସତ୍ୟ, ନ୍ୟାୟ ଏବଂ କରୁଣା ସହିତ ଆଗକୁ ବଢ଼ିବାକୁ ସମସ୍ତଙ୍କୁ ପ୍ରେରଣା ଯୋଗାଇଥାଏ ।

## ସେବାପର୍ବ-ଭାରତର ଗର୍ବ ଶୁଭାଂଶୁ ଶୁକ୍ଳା

**Seba Parba Opening**

ଏବେ ଦେଶରେ ପାଳନ କରାଯାଉଛି ସେବା ପର୍ବ । ଶୁଣନ୍ତୁ ଏକ ରିପୋର୍ଟ...

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶକୁ ଐତିହାସିକ ଯାତ୍ରା କିଭଳି ଭାରତର ମହତ୍ୱାକାଂକ୍ଷି ମହାକାଶ କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ଅନୁସନ୍ଧାନର ଏକ ନୂତନ ଯୁଗକୁ ପ୍ରେରଣା ଯୋଗାଇଛି ।

ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା କରି ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଇତିହାସ ରଚିଥିଲେ । ସେତେବେଳେ ସେ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାକୁ ନିଜ ସହ ବହନ କରିଥିଲେ । ଏହି ସଫଳତା ଏକ ବିଚ୍ଛିନ୍ନ ଘଟଣା ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହାକାଶ ଅନୁସନ୍ଧାନ କ୍ଷେତ୍ରରେ ଭାରତର ବୃହତ ମହତାକାଂକ୍ଷାର ଏକ ଅଂଶ । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଥିବା ମହାକାଶଚାରୀଙ୍କ ସହ କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଭାରତର ପ୍ରଥମ ମାନବ ମହାକାଶ ମିଶନ ଗଗନଯାନର ସଫଳତା ପାଇଁ ଏହା ପ୍ରଥମ ପଦକ୍ଷେପ ।

**V/O-PM**

ମହାକାଶରେ ଥିବା ସମୟରେ ଶ୍ରୀ ଶୁକ୍ଲା ଏବଂ ତାଙ୍କ ଦଳ ଭାରତୀୟ ଗବେଷଣା ପ୍ରତିଷ୍ଠାନ ଗୁଡ଼ିକ ପକ୍ଷରୁ ବିକଶିତ ୭ଟି ମାଇକ୍ରୋ ଗ୍ରାଭିଟ୍ ପରୀକ୍ଷଣର ସଫଳତାର ସଞ୍ଚାଳନ କରିଥିଲେ । ଏହି ପରୀକ୍ଷଣ ଗୁଡ଼ିକ

ଭବିଷ୍ୟତର ଗ୍ରହ ମିଶନ୍ ଏବଂ ଦୀର୍ଘକାଳୀନ ମହାକାଶ ଅବସ୍ଥାନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛି । ଭାରତର ମହାକାଶ ମହତ୍ୱାକାଂକ୍ଷାକୁ ଗ୍ରୁପ୍ କ୍ୟାପ୍ଟେନ୍ ଶୁକ୍ଲା ଅତି ସୁନ୍ଦର ଭାବେ ପରିପ୍ରକାଶ କରିଥିଲେ । ମିଶନ୍‌ର ବିଦାୟୀ ସମାରୋହରେ ସେ କହିଥିଲେ, ଉପରୁ ଦେଖିଲେ ଆଜିର ଭାରତ ମହତ୍ୱାକାଂକ୍ଷି, ନିର୍ଭିକ ଏବଂ ଆତ୍ମ ବିଶ୍ୱାସୀ ପ୍ରତୀୟମାନ ହେଉଛି ।

**V/O-Shubhanshu Sukla**

ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଭବିଷ୍ୟତର ମାନବ ମହାକାଶ ଉଡ଼ାଣ, ଏକ ଭାରତୀୟ ମହାକାଶ କେନ୍ଦ୍ର ଏବଂ ଚନ୍ଦ୍ରକୁ ଜଣେ ଭାରତୀୟଙ୍କୁ ପଠାଇବାର ଦୃଷ୍ଟିକୋଣ ପାଇଁ ପଥ ପ୍ରଶସ୍ତ କରେ । ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ମହତ୍ୱାକାଂକ୍ଷି ମହାକାଶ କାର୍ଯ୍ୟସୂଚୀରେ ମାଇଲ୍‌ଖୁଣ୍ଟ ଭାବେ ଚିହ୍ନିତ ହୁଏ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମହେନ୍ଦ୍ର କୁମାର ମାଝୀ

**Seba Parba Closing**